Largest Circulated Odia Daily

SAMBAD
ସମ୍ବାଦ
ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ




| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

ବିହାରରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ, ୪୦ରୁ ୪୫ ପ୍ରତିଶତ ମତଦାନ, କାଞ୍ଚି ମଠ ମହନ୍ତଙ୍କ ମୋକଦ୍ଦମା ପ

ତାରିଖ : ୧୦/୨୬/୨୦୦୫


- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡ଼ା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ


ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୨୩.୬ | ୨୮.୨ |
| କଟକ | ୨୪.୦ | ୨୬.୬ |
| ବାଲେଶ୍ୱର | ୨୨.୩ | ୨୬.୨ |
| ଗୋପାଳପୁର | ୨୩.୪ | ୨୯.୩ |
| ଝାରସୁଗୁଡ଼ା | ୨୨.୩ | ୨୭.୬ |

ବିତର୍କ/ମତାମତ ସଂଗ୍ରହ

ଜାତୀୟ ବିଜ୍ଞାନ କେନ୍ଦ୍ର ଓଡ଼ିଶାକୁ ଆସି ନ ପାରିଲେ ଆମେ ରାଜ୍ୟର ଦୁର୍ବଳ ନେତୃତ୍ୱକୁ ଦାୟୀ କରିବା କି?

- ( ) : ହଁ.....
- ( ) : ନାହିଁ.....
- ( ) : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- **ଜାତୀୟ ବିଜ୍ଞାନ କେନ୍ଦ୍ର ସ୍ଥାନାନ୍ତର ମାମଲା ନୂଆ ମୋଡ଼ରେ: ନିଷ୍ପତ୍ତି ଜଣାଇବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

କଟକ,(ଇମିସ): ଭୁବନେଶ୍ୱରର ବାଣୀବିହାରଠାରେ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ବାଙ୍ଗାଲୋର ଆଇଆଇଏସ୍ ଢାଞ୍ଚାରେ ନିର୍ମାଣ ହେବାକୁଥିବା ଜାତୀୟ ବିଜ୍ଞାନ କେନ୍ଦ୍ର (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ) ସଂପର୍କରେ ପୂର୍ବବର୍ତ୍ତୀ ଏନ୍‌ଡିଏ ସରକାର ଏବଂ ବର୍ତ୍ତମାନର ୟୁପିଏ ସରକାର ନେଇଥିବା ନିଷ୍ପତ୍ତିକୁ ଅଦାଲତରେ ଉପସ୍ଥାପନ କରିବାକୁ ଓଡ଼ିଶା ହାଇକୋର୍ଟ ଗତକାଲି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି ।

ପ୍ରସ୍ତାବିତ ଏହି ମର୍ଯ୍ୟାଦାସଂପନ୍ନ ଅନୁଷ୍ଠାନକୁ ଭୁବନେଶ୍ୱରରୁ କଲିକତାକୁ ସ୍ଥାନାନ୍ତର କରାଯିବା ସଂକ୍ରାନ୍ତରେ କେନ୍ଦ୍ର ସରକାର ମନମୁଖି ଭାବେ ନିଷ୍ପତ୍ତି ନେଇଥିବା ଦର୍ଶାଇ ଏହାକୁ ଚାଲେଞ୍ଜ କରି ରାଜ୍ୟ ଜନ ସ୍ୱାର୍ଥ ସୁରକ୍ଷା ପରିଷଦର ସଭାପତି ପ୍ରଶାନ୍ତ କୁମାର ଦାସ ଏକ ରିଟ୍ ପିଟିସନ୍ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନରେ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିର ଯଥାର୍ଥତାକୁ ଚାଲେଞ୍ଜ କରାଯିବା ସହ ପ୍ରକଳ୍ପ ସ୍ଥାନାନ୍ତରକୁ ରୋକିବା ପାଇଁ ମାନ୍ୟବର ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିଲା । ହାଇକୋର୍ଟର ମାନ୍ୟବର ବିଚାରପତି ଏଲ୍. ମହାପାତ୍ର ଓ ଆର୍.ଏନ୍. ବିଶ୍ୱାଳଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଆସନ୍ତା ୩୧ ତାରିଖ ମଧ୍ୟରେ ପୂର୍ବ ଏନ୍‌ଡିଏ



ସର୍ବଭାରତୀୟ ରେଳବାଇ ଆଥ୍‌ଲେଟିକ୍‌ସର ଶ୍ରେଷ୍ଠ ମହିଳା ଆଥ୍‌ଲେଟ୍ ବବିତା ।

ଅନ୍ୟାନ୍ୟ ଖବର


- ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ, ପଡ଼ୋଶୀ ମହିଳା ଗୁରୁତର
- ଶିକ୍ଷାବିତ୍ ବଳରାମ ସାହୁଙ୍କ ପରଲୋକ
- ପତ୍ନୀ ପରେ ପତିର ଆତ୍ମହତ୍ୟା
- ଧର୍ଷଣ ଅଭିଯୋଗରେ ସମିତି ସଭ୍ୟ ଗିରଫ
- ପ୍ରେମୀଯୁଗଳଙ୍କ ହତ୍ୟା ନା ଆତ୍ମହତ୍ୟା
- ଆଠମଲ୍ଲିକ: ଲକ୍ଷ୍ମୀପୂଜା ଭସାଣି ବେଳେ ଗଣ୍ଡଗୋଳ, ଟେକାପଥର ମାଡ଼ରେ ୪ ଆହତ
- ହାତୀ ଉପଦ୍ରବ: ଜଣେ ଆହତ,

ସରକାରଙ୍କ ନିଷ୍ପତ୍ତି ଓ ଏବର ଉପା ସରକାରଙ୍କ ପରିବର୍ତ୍ତିତ ନିଷ୍ପତ୍ତି ଅଦାଲତରେ ଉପସ୍ଥାପନ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇଟିଯାକ ନିଷ୍ପତ୍ତିର ତର୍ଜମା କରାଯିବା ପରେ ହିଁ କେନ୍ଦ୍ର ସ୍ଥାନାନ୍ତର ଉପରେ ରହିତାଦେଶ ଜାରି କରାଯିବା ନେଇ ବିଚାର କରାଯିବ ବୋଲି ମାନ୍ୟବର ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୩୧ ତାରିଖକୁ ଧାର୍ଯ୍ୟ ହୋଇଛି। ତେବେ ଆସନ୍ତା ୩୦ ତାରିଖରେ ପ୍ରଧାନମନ୍ତ୍ରୀ କଲିକତାଠାରେ ପ୍ରସ୍ତାବିତ ଏହି କେନ୍ଦ୍ରର ଶିଳାନ୍ୟାସ କରିବା କଥା କୁହାଯାଉଥିବାରୁ ହାଇକୋର୍ଟଙ୍କ ଏପରି ନିର୍ଦ୍ଦେଶ ମାମଲାକୁ ନୂଆ ମୋଡ଼ ଦେଇଛି।

ଆବେଦନକାରୀ ନିଜ ଆବେଦନରେ ଦ ର୍ଶାଇଥିଲେ ଯେ, ବାଙ୍ଗାଲୋରସ୍ଥି ତ ଆଇଆଇଏସ୍ ଢାଞ୍ଚାରେ ଭୁବନେଶ୍ୱର, ପୁନେ, ଆହ୍ଲାବାଦ ଓ ଚେନ୍ନାଇଠାରେ ୪ଟି ସ୍ଥାନରେ ଜାତୀୟ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପୂର୍ବରୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ନିଷ୍ପତ୍ତି ନେଇଥିଲେ। େ ତବେ ବାମପନ୍ଥୀ ଦଳଙ୍କ ଚାପରେ କେନ୍ଦ୍ରର ଉପା ସରକାର ଏହାକୁ କଲିକତାକୁ ଉଠାଇନେବାକୁ ଚକ୍ରାନ୍ତ କରୁଛନ୍ତି। ଓଡ଼ିଶାର ମେଧାବୀ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ଏହି ଅନୁଷ୍ଠାନ ଦିଗଦର୍ଶନ ଦେଇ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଉଚ୍ଚତର ଗବେଷଣାର ଭିତ୍ତିଭୂମି ସୃଷ୍ଟି କରିବାର ସମ୍ଭାବନା ଥିବାବେଳେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ରାଜ୍ୟର ଛାତ୍ରସମାଜକୁ ପ୍ରତାରିତ କରିଛି। ପ୍ରାରମ୍ଭିକ ଭାବେ ୨୫ କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମି ତ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ଆହୁରି ୭୫ କୋଟି ଟଙ୍କାର ବ୍ୟୟବରାଦ ଥିବା ଏହି 'ପ୍ରାଇଜ୍-ପ୍ରକଳ୍ପ'ଟି ଓଡ଼ିଶାରୁ ସ୍ଥାନାନ୍ତର ହେବା ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ଆବେଦନରେ ଦର୍ଶାଯାଇଥିଲା। ରାଜ୍ୟ ସରକାର ପ୍ରକଳ୍ପ ପାଇଁ ବାଣୀବିହାରଠାରେ ୭୫ ଏକର ପରିମିତ ଜମି ଚିହ୍ନଟ କରିସାରିଥିବାବେଳେ ଏବଂ ରାଜ୍ୟବାସୀ ଏହି ପ୍ରକଳ୍ପର ସମ୍ଭାବନାକୁ ନେଇ ଗର୍ବ କରୁଥିବାବେଳେ କେନ୍ଦ୍ର ସରକାରଙ୍କ ଏପରି ପ୍ରତାରଣା ଓଡ଼ିଶା ପ୍ରତି ବୈମାତୃକ

ବହୁ ଧାନ ଫସଲ ନଷ୍ଟ
- ଚୌଦ୍ୱାର ମଣ୍ଡଳ କାରାଗାରରେ ଫିନାଇଲ ଶିଳ୍ପ କାରଖାନା
- ହିନ୍ଦୀ ସାହିତ୍ୟକାର ନିର୍ମଳ ବର୍ମାଙ୍କ ଦେହାନ୍ତ
- ପରମିତା ମହାପାତ୍ର ୟୁଏମ୍‌ଏସ୍‌ଏଲର ପରିଚାଳନା ନିର୍ଦ୍ଦେଶିକା ନିଯୁକ୍ତ
- କୃପାଜଳ ଗ୍ରୁପର ଦୁଃସାହିକ ଅଭିଯାତ୍ରା
- ହାଇକୋର୍ଟରେ ଟୁକୁ ବଳର ଜାମିନ୍ ପିଟିସନ୍: କେସ ରେକର୍ଡ ତଲବ
- ସ୍ୱାମୀ ଭକ୍ତାନନ୍ଦଜୀ ମହାରାଜଙ୍କର ମହାପ୍ରୟାଣ
- 'ନବୀନ ବାବୁ, ମନମୋହନ ବାବୁ! ବାଲେଶ୍ୱର ଜିଲ୍ଲା କ'ଣ ସରକାରଙ୍କ ସାବତ ପୁଅ?'
- ବିଜେଡି ଇଂଲିଶ ମିଡିୟମ ସ୍କୁଲରେ ପିଟି ଉଷା
- କଂସରଗଡ଼ି ପାହାଡ଼ରେ ଚାଲିଛି ଅବାଧ ପଥର ଖୋଳା

ମନୋଭାବର ପରିଚାୟକ ବୋଲି ଦର୍ଶାଇ
ଆବେଦନକାରୀ ପ୍ରକଳ୍ପର ସ୍ଥାନାନ୍ତର ବନ୍ଦ
କରିବା ଦିଗରେ ମାନ୍ୟବର ହାଇର୍କୋଟଙ୍କ
ହସ୍ତକ୍ଷେପ ଲୋଡ଼ିଥିଲେ । ଉଲ୍ଲେଖଯୋଗ୍ୟ,
ଆସନ୍ତା ବର୍ଷ ପ୍ରଥମାର୍ଧରେ ଅନୁଷ୍ଠି
ତ ହେଉଥିବା ପଶ୍ଚିମବଙ୍ଗର ବିଧାନସଭା
ନିର୍ବାଚନକୁ ଆଖିରେ ରଖି ବାମପନ୍ଥୀ ଦ
ଳଗୁଡ଼ିକର ଚାପରେ କେନ୍ଦ୍ର ସରକାର ଏହି
ପ୍ରକଳ୍ପକୁ ଭୁବନେଶ୍ୱରରୁ କଲିକତାକୁ
ସ୍ଥାନାନ୍ତର କରିଛନ୍ତି ଏବଂ ଆସନ୍ତା ୩୦
ତାରିଖରେ ପ୍ରଧାନମନ୍ତ୍ରୀ ଏହାର ଶିଳାନ୍ୟାସ
କରିବେ ବୋଲି ଧାର୍ଯ୍ୟ ହୋଇଛି ।
ଅପରପକ୍ଷରେ କେନ୍ଦ୍ର ସ୍ଥାନାନ୍ତର ନିଷ୍ପତ୍ତିକୁ
ରଦ୍ଦ କରି ଭୁବନେଶ୍ୱରରେ ନିର୍ଦ୍ଦିଷ୍ଟ ସମୟ
ବ୍ୟବଧାନରେ ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଶେଷ
କରିବାକୁ ନିର୍ଦ୍ଦେଶ ଦେବାକୁ ଜନସ୍ୱାର୍ଥ
ମାମଲାଟିରେ ପ୍ରାର୍ଥନା କରାଯାଇଛି ।
ମାମଲାରେ କେନ୍ଦ୍ର ମାନବ ସମ୍ବଳ ବିକାଶ
ମନ୍ତ୍ରଣାଳୟର ସଚିବ, ରାଜ୍ୟ ମୁଖ୍ୟ ଶାସନ
ସଚିବ ଓ ବିଶ୍ୱବିଦ୍ୟାଳୟ ମଂଜୁରୀ
ଆୟୋଗର ସଚିବ/ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ
କରାଯାଇଥିବା ବେଳେ ଆବେଦନକାରୀଙ୍କ
ପକ୍ଷରୁ ଆଇନଜୀବୀ ମଧୁସୂଦନ ପଣ୍ଡା
ମୋକଦ୍ଦମା ପରିଚାଳନା କରୁଛନ୍ତି ।

ପୂର୍ବପୃଷ୍ଠା

Copyright © 2001 orissasambad.com

Site Developed by : www.wayindia.com